ଚିର ତୃଷାର ଆସ୍ପୃହା



ପ୍ରସାଦ ତ୍ରିପାଠୀ

Digitized by srujanika@gmail.com

ଚିର୍ ତରୁଣର୍ ଆସ୍ପୃହା

ପ୍ରସାଦ ତ୍ରିପାଠୀ

Digitized by srujanika@gmail.com

ସୂଚୀପତ୍ର

କ୍ର.ନଂ.	ବିଷୟ	ପୃଷ୍ଠା
୧.	ସେ ରୂପ ଶୋଭାରେ ଭରା	୫
୨.	ବଗିଚାରେ ତୁମ	୬
୩.	ଚଗଲା ପିଲା	୮
୪.	ସାତ ରଙ୍ଗ	୧୦
୫.	ଇଚ୍ଛା ହୁଏ	୧୨
୬.	ମୋ ପାଇଁ ମୁରୁକି ହସା	୧୩
୭.	କାହାକୁ ସୁନ୍ଦର କିଏ	୧୪
୮.	ଯଦି	୧୫
୯.	ବରଷା ଆସେ	୧୬
୧୦.	ଦିଲ୍ ଖୁସ୍	୧୭
୧୧.	ଆମରି ନିଲୁ, ଏଡ଼ିକି ଚାଲୁ	୧୮
୧୨.	ବୁଦ୍ଧି ନୁହେଁ ପଇଟି	୧୯
୧୩.	କିଏ କେମିତି ହସେ	୨୦
୧୪.	ଅନ୍ତରେ ରହିଛି ସତ୍ୟ	୨୧
୧୫.	ବସନ୍ତ	୨୨
୧୬.	ସୂର୍ଯ୍ୟଚନ୍ଦ୍ର	୨୩
୧୭.	ପରଶୁ ବାବୁ	୨୫
୧୮.	ରାତି ଗଲା ପାହି	୨୭

Digitized by srujanika@gmail.com

chira

ଚିର ତରୁଣର ଆସ୍ପୃହା

ରଚନା :

ପ୍ରସାଦ ତ୍ରିପାଠୀ

ପ୍ରକାଶକ :

ନିଉଲାଇଟ ସୋସାଇଟି

ମାତୃଭବନ

ଶ୍ରୀଅରବିନ୍ଦ ମାର୍ଗ

କଟକ - ୭୫୩୦୧୩

ପ୍ରଥମ ପ୍ରକାଶ : ୨୦୦୭

ପୁନଃ ପ୍ରକାଶ : ୨୦୧୦

ମୁଦ୍ରଣ : ଗ୍ରାଫିକ ଆର୍ଟ ଅଫସେଟ୍ ପ୍ରେସ୍

ନୂଆପାଟଣା, ମଙ୍ଗଳାବାଗ, କଟକ - ୭୫୩ ୦୦୧

ମୂଲ୍ୟ : ଟ. ୨୫/-

Digitized by srujanika@gmail.com

ସୂଚୀପତ୍ର

କ୍ର.ନଂ.	ବିଷୟ	ପୃଷ୍ଠା
୧.	ସେ ରୂପ ଶୋଭାରେ ଭରା	୫
୨.	ବଗିଚାରେ ତୁମ	୬
୩.	ଚଗଲା ପିଲା	୮
୪.	ସାତ ରଙ୍ଗ	୧୦
୫.	ଇଚ୍ଛା ହୁଏ	୧୨
୬.	ମୋ ପାଇଁ ମୁରୁକି ହସା	୧୩
୭.	କାହାକୁ ସୁନ୍ଦର କିଏ	୧୪
୮.	ଯଦି	୧୫
୯.	ବରଷା ଆସେ	୧୬
୧୦.	ଦିଲ୍ ଖୁସ୍	୧୭
୧୧.	ଆମରି ନିଲୁ, ଏଡ଼ିକି ଚାଲୁ	୧୮
୧୨.	ବୁଦ୍ଧି ନୁହେଁ ପଇଟି	୧୯
୧୩.	କିଏ କେମିତି ହସେ	୨୦
୧୪.	ଅନ୍ତରେ ରହିଛି ସତ୍ୟ	୨୧
୧୫.	ବସନ୍ତ	୨୨
୧୬.	ସୂର୍ଯ୍ୟଚନ୍ଦ୍ର	୨୩
୧୭.	ପରଶୁ ବାବୁ	୨୫
୧୮.	ରାତି ଗଲା ପାହି	୨୭

Digitized by srujanika@gmail.com

କ୍ର.ନଂ.	ବିଷୟ	ପୃଷ୍ଠା
୧୯.	ଆମେ ଗଢ଼ିଛୁ କୋଣାର୍କ	୨୮
୨୦.	ଷଡ଼ଋତୁ	୨୯
୨୧.	ଆଳସ୍ୟର ପରାଜୟ	୩୩
୨୨.	ବେଉସା	୩୯
୨୩.	ସକାଳ-ଦିନ	୪୨
୨୪.	ଛଳନା କାହିଁକି ଏତେ	୪୩
୨୫.	ସପନଟା ଯଦି ନାବିକ ହୁଅନ୍ତା	୪୪
୨୬.	ତୁମରି ନାମକୁ ସ୍ମରି	୪୫
୨୭.	ପରୀକ୍ଷା	୪୬
୨୮.	ଆସ, ଯାତ୍ରା ଆରମ୍ଭ କର	୪୮

Digitized by srujanika@gmail.com

ସେ ରୂପ ଶୋଭାରେ ଭରା

ଯେଉଁ ରୂପରେ ବି ତୁମକୁ ଦେଖିଛି
ସେ ରୂପ ଶୋଭାରେ ଭରା
ଯେଉଁ କଥା ତୁମ ଠାରୁ ଶିଖିଅଛି
ଅମୂଲ୍ୟ ମଣି ସେ ପରା ।
ତୁମେ ଅଛ ମୋର ହୃଦୟ ମନ୍ଦିରେ
ଦେଖେ ତୁମ ରୂପ ଆଖି ବୁଜିଦେଲେ
କୁହ କିମ୍ୱା ଏତେ ଆବିଳତା ସତେ
ଭରିଛି ସଂସାର ସାରା ।
ଦିଅ ମୋତେ ସେଇ ଅନ୍ତରର ଚକ୍ଷୁ
ସବୁରେ ମା' ମୁଁ ଦେଖିବି ତୁମକୁ
ସାରା ଦୁନିଆରେ ସ୍ଥାନ ନାହିଁ ଯହିଁ
ତୁମେ ନ ରହିଛ ପରା ।

Digitized by srujanika@gmail.com

ବଗିଚାରେ ତୁମ

ବଗିଚାରେ ତୁମ ଫୁଟିଅଛୁ ଆମେ
ତୁମେ ଆମ ମାଳି ଆମେ ତୁମ କଳି
ତୁମରି ସୁଗନ୍ଧ ବିତରିବା ପାଇଁ
ଆସିଅଛୁ ଆମେ ହୋଇ ଭଳି ଭଳି ।

Digitized by srujanika@gmail.com

ତୁମ ସ୍ନେହ ତୁମ ଆଶିଷ କରୁଣା
ପାଉ ଅବିରତ କାହାକୁ ଅଜଣା

ଧରି ରଖିନେବା ସେ ଦୁଇ ଚରଣ
ହୃଦୟରେ ସ୍ନେହ ଶ୍ରଦ୍ଧା ପ୍ରୀତି ଢାଳି ।
ଆସିଅଛୁ ଆମେ ହୋଇ ଭଳି ଭଳି ।

ତୁମେ ତ ଆମର ଜୀବନ ଦିଶାରୀ
ଆମେ ପରା ତୁମ ନୟନ ଶଙ୍ଖାଳି

ତୁମର ସେ ହସ ଅମୃତ ସୁବାସ
କେବେହେଲେ ଥରେ ଯିବା ନାହିଁ ଭୁଲି ।
ଆସିଅଛୁ ଆମେ ହୋଇ ଭଳି ଭଳି ।

ଯେଉଁ ମୁଖୁ ଝରେ ସୁଧାବାରିଧାରା
ଯେ ହସ୍ତ ପରଶ ଦିଅଇ ଇଶାରା

ସିଏ ଆମ ଆଶା ସିଏ ବି ଭରସା
ତାହା ପାଶେ ଆସ କରୁଥିବା ଅଳି ।
ଆସିଅଛୁ ଆମେ ହୋଇ ଭଳି ଭଳି ।



Digitized by srujanika@gmail.com

ଚ଼ଗଲା ପିଲା

ଚଗଲା ପିଲାକୁ ଚିହ୍ନିଛ କିଏ
ସବୁରି ଭିତରୁ ସେ ବାରି ହୁଏ ।
ଚାଲିଲା ଶଗଡ଼େ ଲଗାଏ ହାତ
ଗାଈ ଗୋରୁ ପାଖୁଁ ଖାଏ ସେ ନାତ ।
ସ୍ଥିର ହୋଇ ଟିକେ ବସଇ ନାହିଁ
ହାତ ଗୋଡ଼ ସବୁ କଥା କୁହଇ ।

ସାଇକେଲ ଯଦି ଚଳାଏ କେବେ
ଡଜନେ ଥର ସେ ପଡ଼ଇ ତେବେ ।
ପୋଷାକ ପତରେ ନାହିଁ ନଜର
ଯେମିତି ସବୁ ଟା ମଇଳା ଘର ।
ବିଛଣାରୁ ଉଠେ ସାତୁଟା ହେଲେ
କେଁ କେଁ ହୁଏ ମାଆ ମାଇଲେ ।

Digitized by srujanika@gmail.com

ଜୀବନରେ କେବେ ଥରୁଟେ ପାଇଁ
ସୂରୁଜ ଉଇଁବା ସେ ଦେଖିନାହିଁ ।
ପାଠପଢ଼ା କଥା ପଚାରେ କିଏ
ଡେଇଁ ବୁଲୁଥାଏ ଶୋଇବା ଯାଏ ।
ମାଷ୍ଟରଙ୍କଠାରୁ ବେତ ପାହାର
ଅତି ପ୍ରିୟ ତା'ର କି ଆପଣାର ।
ଦିନୁଟାଏ ଖାଇ ନଥିଲେ ବେତ
ଲାଗେ ତାକୁ ସତେ ଖାଇନି ଭାତ ।
ଇଏ ସବୁ ତା'ର ଗୋଟିଏ ଦିଗ
ଅନ୍ୟଦିଗ ଆଉ ପ୍ରକାରେ ବାଗ ।
ସାଧନା ଦୃଷ୍ଟିରୁ ଯଦି ଦେଖିବା
ମୂଲ୍ୟହୀନ ଏହା ସବୁ ଜାଣିବା ।
ସେ କଥାଟି ଜାଣି ହୁଅଇ ନାହିଁ,
ଭଲ ପିଲା ସବୁ ସେଇଠାରେ ଥିବେ
ଇଏ ଥିବ କେତେ ଆଗରେ କାହିଁ ।



Digitized by srujanika@gmail.com

ସାତ ରଙ୍ଗ

ଧଳା ଆଉ କଳା ହୋଇ ମେଳା ମେଳା
ଝଗଡ଼ା କରିଲେ ବସି
ନିଜ ବଡ଼ପଣ ଦେଖାଇବା ପାଇଁ
ସଜାଡ଼ି ବସିଲେ ଆସି ।
ଧଳା ଆଗେ କହେ ଏଡ଼େ ବଡ଼ ମୁହେଁ
ଏଡ଼ିକି ମଇଳା ତୁହି
ଦେଖ କେଡ଼େ ତୋରା ଦିଶେ ମୁହିଁ ପରା
ତୁଳନା ମୋହରି ନାହିଁ ।
ଧଳା କାନ୍ଥଘର ଧଳା ବଗପର
ଧଳା ଅଜାଙ୍କର ଚୁଟି
ଧଳା ଲେଖାଖାତା ଧଳା ଡ୍ରିଲ୍‌କୋଟା
ଧଳା ବାପାଙ୍କର ଧୋତି ।
ଧଳା ଚକ୍‌ଖଡ଼ି ଧଳା ବିରିବଡ଼ି
ଧଳା ନେତାଙ୍କ ପୋଷାକ
ଧଳା ମଲ୍ଲୀ, କଇଁ ଟଗର ବା ଜୁଇ
ଧଳା ଫୁଲର ମହକ ।
ଲାଜ ଲାଗେ ନାହିଁ କଳା ପୁଣି ତୁହି
ବଡ଼େଇ କରୁ ସାହସେ
ମୁଁ ଥିବା ଯୋଗୁଁ ସୂରୁଜ ବା ଚାନ୍ଦ
ଦିଶେ ସୁନ୍ଦର ଆକାଶେ ।
ଏତେ ଯାଏଁ କଳା ଚୁପ୍ ହୋଇଥିଲା
କରିଲା ଗୋଟେ ଗର୍ଜନ
କିଆଁ ତୁଚ୍ଛାଟାରେ ପାଟି କରୁ କିରେ
ଆହା କେଡ଼େ ତୋର ମନ ।
ଜଗନ୍ନାଥ କଳା, ମା ଚଣ୍ଡୀ କଳା
କଳା ରାଜାଙ୍କର ହାତୀ
କାଉ ଦେଖ କଳା, କୋଇଲି ବି କଳା
କଳାଟି କଜଳପାତି ।
କାଳି ଅଟେ କଳା, କଳା ଆଖିଡ଼ୋଳା
କଳା ଆମ ମୁଣ୍ଡକେଶ
କଳା ଭଅଁରର ଗୁଣୁଗୁଣୁ ସ୍ୱର
କାନକୁ ଶୁଭେ ସରସ ।
ଧଳା ସିମେଣ୍ଟରେ ଧଳା ଚୂନ ଦେଇ
ଧଳା କାନ୍ଥ ସିନା ହୁଏ
କଳା ଲୁହାଛଡ଼ ଭିତରେ ନଥିଲେ
କେତେଦିନ ତାହା ରହେ ?
ଧଳା ଚାନ୍ଦ କେବେ ସୁନ୍ଦର ଦିଶିବେ
ଆକାଶ କଳା ନଥିଲେ
କଳା ବାଦଲରେ ସୂରୁଜ ଲୁଚିଲେ
କିଏ ବଡ଼ସାନ ହେଲେ ?

Digitized by srujanika@gmail.com

ଆଉ ଯଦି କିଛି ଶୁଣିବାକୁ ଅଛି   ଶୁଣ ମୋର ଶେଷ କଥା
ମୁଣ୍ଡର ଉପରେ ମୁଁ କେଶ ଆରେ   ପାଦ ତଳେ ତୁ ତଳିପା ।
ସାତରଙ୍ଗ କାହୁଁ ଆସିଗଲେ ଚାହୁଁ   ଶୁଣି କଳା ଧଳା ରଡ଼ି ।
କଳା ଧଳାଙ୍କୁ ତ କହିଲେ ବହୁତ   ବସାଇଲେ କାନ ମୋଡ଼ି ।
କହିଲେ ସେ ଆଗ ଆମେ. ସାତରଙ୍ଗ   ତୁମେ ଦୁହେଁ ରଙ୍ଗ ନୁହଁ
ଆମେ ମିଶିଯାଉ କେବେ ବା ନରହୁ   ତୁମେ ଧଳା କଳା ହୁଅ ।
ତୁମ ଦୁହିଁଙ୍କର ବୋଲିତ ନିଜର   ଗୋଟିଏ ବି କିଛି ନାହିଁ
ତଥାପି ତ ଆରେ, କେଡ଼େ ସରାଗରେ   କଳିଆ କରୁଛ ଭାଇ ।
ଆମ ସବୁରିଙ୍କି ଯିଏ ବା ଗଢ଼ିଛି   ଜାଣେ ସବୁ ଭଲ ସିଏ
ଯାହାକୁ ଯେଉଁଠି ରଖିଛି ସେ ସେଠି   ଖୁସି ସେଥିପାଇଁ ହୁଏ ।



Digitized by srujanika@gmail.com

ଇଚ୍ଛା ହୁଏ

ଇଚ୍ଛାହୁଏ ମିଶିଯିବା ପାଇଁ ଆକାଶର ବିସ୍ତୀର୍ଣ୍ଣତା ସାଥେ
ଇଚ୍ଛାହୁଏ ମାପିନେବା ପାଇଁ ସାଗରର ଗଭୀରତା କେତେ
ଇଚ୍ଛାହୁଏ ଶିଖିନେବା ପାଇଁ ପକ୍ଷୀର ସେ କାକଳି କୂଜନ
ଇଚ୍ଛାହୁଏ ଆଙ୍କିନେବା ପାଇଁ ସବୁଜିମା ଯେତେ ବିଲକ୍ଷଣ
ଇଚ୍ଛାହୁଏ ଗାଇନେବା ପାଇଁ ସଙ୍ଗୀତର ସୁମଧୁର ସ୍ୱର
ଇଚ୍ଛାହୁଏ ବାଇନେବା ପାଇଁ ବୀଣାର ସେ ଅଦ୍ଭୁତ ଝଙ୍କାର।
ଇଚ୍ଛାହୁଏ ହୋଇଯିବା ପାଇଁ ସବୁଦିନେ ଶିଶୁଟିଏ ପରି
ଇଚ୍ଛାହୁଏ ଫୁଟିଥିବା ପାଇଁ ଫୁଲଟିଏ ବଗିଚାରେ ହୋଇ।
ଯେତେ ମୋର ଯାହା ଇଚ୍ଛାହୁଏ ସବୁ ହେବ ନିଶ୍ଚେ ଦିନେ ସତ
ଯେବେ ମୁହିଁ ପାଇଯିବି ସେହି ଦିବ୍ୟାନନ୍ଦ ଆଲୋକ ଅମୃତ।

Digitized by srujanika@gmail.com

ମୋ ପାଇଁ ମୁରୁକି ହସା

ବାପାଙ୍କୁ ସୁନ୍ଦର ବଙ୍କାବେଣ୍ଟ ଛଡ଼ି
ବୋଉଙ୍କୁ ସୁନ୍ଦର ଚୁଲି,
ଅପାଙ୍କୁ ସୁନ୍ଦର ଜରିପକା ଶାଢ଼ୀ
ଭାଇକୁ ସୁନ୍ଦର କଲି ।
ମାଷ୍ଟ୍ରଙ୍କୁ ସୁନ୍ଦର ନାକ ଅଗ ରାଗ
ଛାତ୍ରଙ୍କୁ ସୁନ୍ଦର ଡର
ପାଠକୁ ସୁନ୍ଦର ନାକମାଡ଼ି ଘୋଷ
ପରୀକ୍ଷାକୁ ଇନ୍‌ଭିଛିଲେଟର ।
ଅଜାଙ୍କୁ ସୁନ୍ଦର ନାକରେ ଚଷମା
ଆଈକୁ ସିନ୍ଦୁର ଠୋପା
ମାମୁଁଙ୍କୁ ସୁନ୍ଦର ଖବରକାଗଜ
ମାଇଁ ଟିକେ ଟିକେ ଖପା ।
ଦାଦାଙ୍କୁ ସୁନ୍ଦର ପରିବା ସଉଦା
ଖୁଡ଼ିଙ୍କୁ ପଖାଳ କଂସା
ସାନଭାଇ ପାଇଁ ଚାବିର କଣ୍ଢେଇ
ମୋ ପାଇଁ ମୁରୁକିହସା ।



Digitized by srujanika@gmail.com

କାହାକୁ ସୁନ୍ଦର କିଏ

ବନକୁ ସୁନ୍ଦର ଝଙ୍କାଳିଆ ଗଛ ଗଛକୁ ସୁନ୍ଦର ଫୁଲ,
ଫୁଲକୁ ସୁନ୍ଦର ଛିଟ ପ୍ରଜାପତି ପ୍ରଜାପତି ପାଇଁ ଖେଳ ।
ବାପାଙ୍କୁ ସୁନ୍ଦର ବଙ୍କାବେଣ୍ଟ ଛତା, ଛତାକୁ ସୁନ୍ଦର ମେଘ
ମେଘକୁ ସୁନ୍ଦର ଘୋର ଘଡ଼ଘଡ଼ି ଘଡ଼ଘଡ଼ି ପାଇଁ ବେଙ୍ଗ ।
ଘରକୁ ସୁନ୍ଦର ସାନ ସାନ ଛୁଆ ଛୁଆଙ୍କୁ ସୁନ୍ଦର ପେଣ୍ଡୁ
ପେଣ୍ଡୁକୁ ସୁନ୍ଦର ଶାଗୁଆ ପଡ଼ିଆ ପଡ଼ିଆ ଧାରରେ ଗେଣ୍ଡୁ ।
ବୋଉକୁ ସୁନ୍ଦର ସିନ୍ଦୁରର ଟୋପା ସିନ୍ଦୁର ପାଇଁ ଫରୁଆ
ଫରୁଆ ପାଇଁକି କାନ୍ଥେ ଥିବ ଠଣା, ଠଣାରେ ଶିଙ୍ଗ ପାନିଆଁ ।

Digitized by srujanika@gmail.com

ଯଦି

ଶୁଣିବେନି କେହି କଥା ଯଦି
ହେଉଥିବ ସଦା ବକ୍ ବକ୍
ଲାଗିବନି ପାଣି କାମେ ଯଦି
ଫୁଟୁଥିବ ସିଏ ଟକ୍ ଟକ୍ ।
ଦିଶିବନି ସବୁ ସୁନ୍ଦର ଯାହା
ଦିଶୁଥାଏ ଖାଲି ଚକ୍ ଚକ୍
ରହିବନି ବାଡ଼ି ଟାଣ ଯଦି
ହେଉଥିବ ତାହା ନକ୍ ନକ୍ ।
ବୁଝିବେନି କେହି କଥା ଲୁହ
ବହୁଥିଲେ ସଦା ଥପ୍ ଥପ୍
ବର୍ଷିବନି ମେଘ ବେଶ ଘଡ଼ି
ପଡୁଥିଲେ ପାଣି ଟପ୍ ଟପ୍ ।
ହେବନାହିଁ ଭଲ ଜମା ଯଦି
ହେଉଥିବ କଥା ଟୁପ୍ ଟାପ୍
ରହିବନି ମନ ଖୁସୀ ଯଦି
ବସିଥିବ ସଦା ଚୁପ୍ ଚାପ୍ ।
ଚାହିଁବେନି କେହି କେବେ ଯଦି
ହେଉଥିବ ଖାଲି ସୁଁ ସୁଁ
ଶୁଣିବେନି କଥା କେହି ଯଦି
ଟିକେ ଟିକେ ହେବ କୁଁ କୁଁ ।

Digitized by srujanika@gmail.com

ବରଷା ଆସେ

ବରଷା ଆସେରେ ବରଷା ଆସେ
ନଦନଦୀ, ଝର, ପୋଖରୀ, ଗଡ଼ିଆ,
ଶୁଖିଲା ଭୂଇଁଟି ସୁନ୍ଦର ଦିଶେ।
ଟୁପୁରୁ ଟୁପୁରୁ ମେଘ ବରଷଇ
ଖୁପୁରୁ ଖୁପୁରୁ ବେଙ୍ଗୁଲୀ ନାଚଇ
ଚୁପୁରୁ ଚୁପୁରୁ କାଦୁଅରେ ଭାଇ
ଚାଲୁ ଚାଲୁ ଆମ ଗୋଡ଼ଟି ଖସେ।
ଘଡ଼ଘଡ଼ି ଶବ୍ଦେ କାନ ତବଦାଇ
ହଡ଼ବଡ଼ି ଯାଏ ଆମ କୁନିଦେଇ
ଜଡ଼ସଡ଼ି ହୋଇ ଘରେ ପଶିଯାଇ
ମାଆ କାନିତଳେ ମୁରୁକି ହସେ।

କଦଳୀ ପତରୁ ଖସିପଡ଼େ ପାଣି
ବଦଳି ହେଉଛି ଏଇଦିନେ ଜାଣି
ଅର୍ଦ୍ଦଳି କରିବୁ କାହାପାଶେ ପୁଣି
ହେବ ଯାହା ହେଉ ଅଛୁ ସାହସେ।

Digitized by srujanika@gmail.com

ଦିଲ ଖୁସ୍

ସାନବାବୁ ମୁନୁବାବୁ ଉଠିପଡ଼ି ଧଡ୍ ପଡ୍
ରାତିଯାକ ଶୋଇନାହିଁ ତଣ୍ଟିଡାକେ ଘଡ୍ ଘଡ୍
ପେଟପିଠି ସେକିହୁଏ ନିଆଁଜାଳି ରଡ୍ ରଡ୍
ପାଠପଢ଼ା କିଛିନାହିଁ ଖାତା ଚିରେ ଫଡ୍ ଫଡ୍
ଟିକେ ଟିକେ ଚମକୁଛି ଶବ୍ଦହେଲେ ଖଡ୍ ଖଡ୍
ଦେହେତାର କିଛିନାହିଁ ପତଳାଟା ନଡ୍ ବଡ୍ ।

ସାନଝିଅ କୁନିଅପା ଲାଜକୁଳି ଚୁପ୍ ଚୁପ୍
ବଡ଼ପାଟି କରେନାହିଁ ସବୁବେଳେ ଟୁପ୍ ଟୁପ୍
ଚିଡ଼ିଗଲେ ରାଗିଯାଏ ଡିଏଁ ଖାଲି ଖୁପ୍ ଖୁପ୍
ଟିକେଯଦି ରୋଗ ହେବ ମାଗୁଥିବ ସୁପ୍ ସୁପ୍
ଲୁଚିଲୁଚି କେତେବେଳେ ଖାଇଦିଏ ଗୁପ୍ ଚୁପ୍
କେବେପୁଣି ଓପାସରେ ଶୋଇଯାଏ ଚୁପ୍ ଚୁପ୍ ।

ବଡ଼ଭାଇ ଭାରିମୋଟା ହୁଏ ବଡ଼ କଲ୍ ବଲ୍
କେହି ଦେହେ ଲାଗିଗଲେ ଲାଗେ ତାକୁ ସଲ୍ ସଲ୍
ପାରେନାହିଁ କିଛି ବୁଝି ଚାହେଁ ଖାଲି ବଲ୍ ବଲ୍
ଚିଡ଼ିଯାଏ କେହି ଯଦି କରେ ତାକୁ ହଲ୍ ଚଲ୍
ଏତେବଡ଼ ପେଟ ତା'ର ଦିଶୁଥାଏ ଥଲ୍ ଥଲ୍
କିଛି ଯଦି ଲାଗିଯିବ ହେବଖାଲି ସଲ୍ ସଲ୍ ।

ମାଆ ତାଙ୍କ ମନୋରମା ସବୁବେଳେ ହସ୍ ହସ୍
ଡର ଖାଲି ଅସରପା ହୁଏ ଯଦି ଖସ୍ ଖସ୍
ରୋଷଘରୁ ଧୂଆଁ କେବେ ଛାଡ଼ନ୍ତିନି ଭସ୍ ଭସ୍
ଶୁଅନ୍ତିନି କେବେହେଲେ ଦେହହେଲେ କସ୍ ମସ୍
ଘରକଥା ବୁଝୁଥା'ନ୍ତି ସମସ୍ତଙ୍କ ମନ ଖୁସ୍
ପୁଅଝିଅ ବାପାମାଆ ସତେ ଅବା ଦିଲ୍ ଖୁସ୍ ।

Digitized by srujanika@gmail.com

ଆମରି ନିଲୁ, ଏଡ଼ିକି ଚାଲୁ

ଆମରି ନିଲୁ, ଏଡ଼ିକି ଚାଲୁ
ପଛପଟୁ ଯାଇଁ ଧରିପକାଇଲା
ଏଡ଼େବଡ଼ ଗୋଟେ କାଳିଆ ଭାଲୁ ।
କିଏ ସେ ପିଲା, ଏଡ଼େ ଚଗଲା
ଭାଲୁ ପଚାରିଲା, କେହି ମିଳିଲେନି
ଡିଷ୍ଟର୍ବ କରୁଛୁ ମୋତେ ତୁ ଭଲା ।
ସାହସ ବାନ୍ଧି, ପାଞ୍ଚିଲା ବୁଦ୍ଧି
କହିଲା ମଉସା ଡାକି ଆସିଥିଲି
ଜଲ୍‌ଦି ବାହାର ପୋଷାକ ପିନ୍ଧି ।
ଉଇ ତିଅଣ, ଆହୁରି କଣ
ରବିବାର ବୋଲି ରାନ୍ଧିଅଛି ବୋଉ
ଦେଇଛି ସେଥିରେ ଅଳପ ଲୁଣ ।
ଅଛି ତୁମର, ବ୍ଲଡ୍ ପ୍ରେସର
ଦେଖିବାକୁ ଆଜି ଆସିବେ ତୁମକୁ
ଡାକ୍ତରଖାନାର ବଡ଼ ଡାକ୍ତର ।



ପୁତୁରା ମୋର, ଏଡ଼େ ନିଜର
ଭାଲୁ ବିଚାରିଲା, ତା' ନହେଲେ କିଆଁ
ଡାକି ଆସିଥାନ୍ତା ଏତିକି ଦୂର ।
କହିଲା ପୁଅ, ଏଇଠି ଥାଅ
ଶୀତଳଗା ଖଣ୍ଡେ ଧରି ଆସୁଅଛି
ସାଙ୍ଗ ହୋଇଯିବା ଟିକିଏ ରୁହ ।
ଭାଲୁଗାତରେ, ପଶିଲା ଧୀରେ
ବୁଲିପଡ଼ି ନିଲୁ ଧାଇଁଲା ଘରକୁ
ଏକା ନିଶ୍ୱାସରେ ପହଞ୍ଚେ ଘରେ ।

Digitized by srujanika@gmail.com

ବୁଦ୍ଧି ନୁହେଁ ପଇଟି

ଟର୍ଚ୍ଚ ଟିପିଦେଲେ ଯଦି ଟି.ଭି. ଅନ୍ ହୋଇବ
ଟି.ଭିର ସୁଇଚ୍‌ରେ ରେଡ଼ିଓଟି ବାଜିବ
ରେଡ଼ିଓର ସୁଇଚ୍‌ରେ ଟ୍ୟୁବ୍ ଜଳିଯିବଟି
ବୁଦ୍ଧି ନୁହେଁ ପଇଟି ।



ବିରାଡ଼ିଟି ଭୋ ଭୋ କୁକୁରର ମିଆଉଁ
ବାଘ ସିଂହ ଚିଁ ଚାଁ ବେଙ୍ଗ ଡାକେ ହ୍ୟାଉଁ
କୁଆ ଡାକେ କୁ କୁ କୋଇଲିର କାଆଟି
ବୁଦ୍ଧି ନୁହେଁ ପଇଟି ।
ଆମ୍ବଗଛେ ଯଦି ଫଳେ ଶିମ୍ବ ଆଉ ଡାଳିମ୍ବ
ଗୋଲାପ ଗଛରେ ଫୁଟେ ନାଲି ନାଲି କଦମ୍ବ
ନଡ଼ିଆ ଗଛଟି ମାଡ଼େ ବାଡ଼ପରେ ଲତାଟି
ବୁଦ୍ଧି ନୁହେଁ ପଇଟି ।



ଡଙ୍ଗା ଉଡ଼େ ଆକାଶରେ ସ୍କୁଟରଟି ପାଣିରେ
ଷ୍ଟେସନରେ ରେଳଗାଡ଼ି ବନ୍ଧାହୁଏ ବାଣିରେ
ଶଗଡ଼ରେ ଯୋଚାଯାଏ ଝିଟିପିଟି ଦୁଇଟି
ବୁଦ୍ଧି ନୁହେଁ ପଇଟି ।
ଯାହା ସବୁ ଚାଲୁଥିଲା ଚାଲୁଥିବ ସେପରି
ବଦଳିଲେ ଭାବିବସେ କିଆଁ ହେଲା ଏପରି
ନ ହୋଇଛି କେବେ ଯାହା କେମିତି ତା' ହେବଟି ?
ବୁଦ୍ଧି ନୁହେଁ ପଇଟି ।



Digitized by srujanika@gmail.com

କିଏ କେମିତି ହସେ

ବାପା ହସୁଥିବେ ମୁରୁକି ମୁରୁକି
ଦାଦାଙ୍କର ହୋ ହୋ
ମାମୁଁଙ୍କର ମୋଟା ନିଶଟେକା ହସ
ଶୁଭୁଥିବ ଘୋ ଘୋ।
ବୋଉ ହସୁଥାଏ ଅନ୍ତର ଭିତରେ
ବୁଢ଼ୀମା ପାକୋଇ ହସେ
ଭାଇ ହସୁଥାନ୍ତି ହାଃ ହାଃ ହାଃ
ଭାଉଜଙ୍କ ଦାନ୍ତ ଦିଶେ।
ଅପା ହସେ ପରା କିରିକିରି ହୋଇ
ବାବୁଲାର ହସ ଫିକା
ସାନଖୁଡ଼ୀ ଆମ ବାହାଡ଼ାଦାନ୍ତୁରୀ
ହସ କାନ୍ଦ ତାର ଏକା।
ବେବିନା ଆମର ହସିଦେଲେ ଥରେ
ଝଡ଼ଇ ଗୋଲାପ ଫୁଲ
କୁନିପୁଅ ଆମ ଖିଲିଖିଲି ହସେ
ଦେଖିଲେ ଲାଗଇ ଭଲ।
ଯିଏ ହସୁଥାଉ ଯେମିତି ବା ହସୁ
ସଭିଏଁ ଲାଗନ୍ତି ଭଲ
ମୁଁ ଥିଲେ କାଳେ ସଭିଏଁ ହସନ୍ତି
ସେମାନେ ଦେବେ ତା ମୂଲ।

Digitized by srujanika@gmail.com

ଅନ୍ତରେ ରହିଛି ସତ୍ୟ

ଗୋଲାପ ଫୁଲଟି ଦିଶଇ ସୁନ୍ଦର
କଣ୍ଟା ଦେହଯାକ ତା'ର
ପଦ୍ମ ଫୁଲ ଦେଖ ଦିଶେ କେତେ ତୋରା
କାଦୁଅରେ ତା'ର ଘର ।
କାଳିଗାଈ ଶିଙ୍ଗ କେତେ ଯେ ମୁନିଆଁ
କ୍ଷୀର ତା'ର କେତେ ମିଠା
ସେଇ ଔଷଧଟି କରେ ବେଶୀ କାମ
ସୁଆଦ ଯାହାର ପିତା ।
ସାଗୁଆନ ଗଛ ହୁଏ କେତେ ଡେଙ୍ଗା
କାଠଟି ତାହାର ଶକ୍ତ
ମନ୍ଦିରରେ ବସି ଗୁଣୁ ଗୁଣୁ ହେଲେ
ବୋଲାଏନି କେହି ଭକ୍ତ ।
ବାପାମାଆ ଯଦି ଆକଟନ୍ତି କେବେ
ମନକୁ ଦିଏ ତା କଷ୍ଟ
ବଡ଼ ହେଲେ ଯାଇ ବୁଝି ହୁଏ ତାହା
କାଟିଅଛି ତୁମ ରିଷ୍ଟ ।
କୂଳରେ ସାଗର କେତେ ଯେ ଅଶାନ୍ତ
ଭିତରକୁ ଗଲେ ସ୍ଥିର
ଧଡ଼ିଆ ପତଳା ଲୋକଟିଏ ବି ତ
ହୋଇପାରେ କେତେ ବୀର ।
ବାହାରକୁ ଯାହା ଦିଶଇ ଆମକୁ
ସବୁ ନୁହେଁ କେବେ ସତ୍ୟ
ଅସଲ ସତ୍ୟତ ରହିଛି ଅନ୍ତରେ
ଜଗାଏ ଆମକୁ ନିତ୍ୟ ।

Digitized by srujanika@gmail.com

ବସନ୍ତ

ବସନ୍ତ ମାରୁଛି ଉଙ୍କି ଶୀତ ଯାଏ ପଳାଇ
କାକରିଆ ଥଣ୍ଡା ଗଲା ଦେହ ଦିଏ ଝାଳେଇ ।
ଆମ୍ବଗଛ ପତରରେ ଭରିଗଲା ବଉଳ
ପୋଖରୀରେ ଖେଳିଗଲେ ମୀନ କଉ ସେଉଳ ।
ରଙ୍ଗ ବେରଙ୍ଗିଆ ଫୁଲେ ହସି ଉଠେ ବଗିଚା
ଲାଗେ ଅବା ବିଛାଇଚି କେହି ଛିଟ ଗାଲିଚା ।
କୋଇଲିଟି କୁହୁ ଡାକେ ଆମ୍ବ ଗଛ ଗହଳୁ
ଚଷାଭାଇ ହଳ ଯୋଚେ ରାତି ଦୁଇ ପହରୁ ।
ଗ୍ରୀଷ୍ମର ତାତି ଏବେ ଲାଗିନାହିଁ ଦେହରେ
ମାଆ କୋଳେ କୁନି ଆମ ଶୋଇଥାଏ ସ୍ନେହରେ ।
ସବୁଠିକ୍ ସବୁ ଭଲ ଗୋଟେ ଖାଲି ଝାମେଲା
ଏଇଦିନେ ହୁଏ ରୋଗ ହାଡ଼ଫୁଟି ମିଳିମିଳା ।
ବାହାଘର ବ୍ରତଘର ଯେତେସବୁ ଉତ୍ସବ
ଘରେ ଘରେ ଲାଗିଥାଏ ସବୁ ପୁଣ୍ୟ ପରବ ।



Digitized by srujanika@gmail.com

ସୂର୍ଯ୍ୟଚନ୍ଦ୍ର



ସୂରୁଜ କହେ ଚାନ୍ଦକୁ ଦିନେ
କରି ବଡ଼ାଇ ନିଜ
ବହପ କରୁ ଏଡ଼େ ସରାଗେ
ଜାଣିନୁ ମୋର ତେଜ ।
ଆଲୋକ ତୋର ଜମାରୁ ନାହିଁ
ଦିଶୁ ଆଲୋକେ ମୋର
ମୋହରି ପାଇଁ ଚଳେ ସଂସାର
ସଭିଏଁ କାରବାର ।
ମୁଁ ଉଇଁଲେ ସକାଳ ହୁଏ
କାଉ ଡାକଇ କାଆ
ପିଲାଙ୍କୁ ନିଦୁଁ ଉଠାଇ ମାଆ
କୁହନ୍ତି ସ୍କୁଲ ଯାଆ ।
ସଂସାର ଯାକ ଯେତେକ ଫୁଲ
ଫୁଟନ୍ତି ମୋ ପାଇଁ
ମୁଁ ନଥିଲେ ସୂରୁଜମୁଖୀ
ଜମା ଫୁଟଇ ନାହିଁ ।
ବିନୟ ଭରେ କହଇ ଚାନ୍ଦ
ଜାଣେ ମୁଁ ଏଇ କଥା
ତୁମ ଆଲୋକେ ଦିଏ ଆଲୋକ
ନାହିଁ ମୋ ମୁଣ୍ଡବ୍ୟଥା ।

ଆଲୋକ ମୋର ନାହିଁ ବୋଲି ତ
ତୁମ ଆଲୋକ ପାଇଁ
ପ୍ରତୀକ୍ଷା ରଖି ରହିଥାଏ ମୁଁ
ତୁମ ଆଡ଼କୁ ଚାହିଁ ।

Digitized by srujanika@gmail.com

ତୁମରି ତେଜ କିଏ ନ ଜାଣେ
କେତେ କଠୋର ତାହା
ଗଛ ପତର ଦିଏ ଶୁଖାଇ
ନଦୀ ପୋଖରୀ ଯାହା ।
ଆହୁରି ପୁଣି ହୋଇଲେ ଟାଣ
ଧରା ବିକଳ ହୁଏ
ଧରଣୀ ରାଣୀ ମେଘକୁ ଆଣି
ଧରାରେ ଥାପି ଦିଏ ।
ତୁମ କିରଣ ମୋହରି ପାଶେ
ହୋଇଥାଏ ଶୀତଳ
ରଜନୀ ମୋତେ ପାଇବା ପାଇଁ
ହେଉଥାଏ ବିକଳ ।
ଆକାଶେ ତୁମେ ଥିଲେ ତେଜରେ
ସଭିଏଁ ଥିବେ ଘରେ
ସଞ୍ଜ ହୋଇଲେ ଆସିଯାଏ ମୁଁ
ତାରାମାନଙ୍କ ମେଳେ ।
ଆସିଲେ ମୁହିଁ କେହି ହେଲେ ବି
ରହିବେ ନାହିଁ ଲୁଚି
ଘର ଭିତରୁ ବାହାରି ପିଲା
ଖେଳି ବସିବେ ପୁଚି ।
ତୁମେ ସବୁରି କାମରେ ଲାଗ
ତଥାପି ଅହଂକାର
ଉଚିତ ନୁହେଁ, ହେଲେ ବି ତୁମ
ପାଦରେ ମୋ ଜୁହାର ।

Digitized by srujanika@gmail.com

ପରଶୁ ବାବୁ

ବାବୁ ତ ବାବୁ - ପରଶୁ ବାବୁ
ଖରା କି ବରଷା ଶୀତ କି ବସନ୍ତ
ପିଠିରେ ଥିବ ତା ଗଣ୍ଡାଏ ଆବୁ ।
ସକାଳୁ ଶୁଏ - ରାତିରେ ଚାହେଁ
ଦିନ ଯାକ ଯାହା ମିଳୁଥାଏ ପରା
ଘଡ଼ିକୁ ଘଡ଼ି ସେ ଖୁସୀରେ ଖାଏ ।
ଗୋଡ଼ଟି ଛୋଟା - ଦେହଟି ମୋଟା
ଦିନକୁ ଦିଥର ଗାଧୋଇବ ସିଏ
ଦରକାର ପାଣି ପଚିଶ ନୋଟା ।
ଆଖିଟି କଣା - ମୋଟା ଚଷମା
ନିରିଖଇ ଯଦି ପାଖରୁ ନ ଦେଖେ
ଭାଇକୁ ଡାକେ ସେ ଭଉଣୀ ଉମା ।
ଥନ୍ତଲ ପେଟ - ଲମ୍ବାରେ ଛୋଟ
ପୋଷାକ ଭିତରେ ଆଉ ଯାହା ଥାଉ
ଥିବ କିନ୍ତୁ ଗୋଟେ କାଳିଆ କୋଟ ।
ହେଉ ବିଜୟ - କି ପରାଜୟ
ଏଥିପାଇଁ କେବେ ଭାବେ ନାହିଁ ତିଳେ
ଶିଖି ନାହିଁ ସିଏ ଡର କି ଭୟ ।
ଅଳପ ପାଠ - ବୁଦ୍ଧିଟି ମୋଟ
କେଉଁଠି କଅଣ କରିବାକୁ ହେବ
ନ ଜାଣିପାରି ସେ କରେ ଓଲଟ ।

Digitized by srujanika@gmail.com

ଗୋଟିଏ ଚିନ୍ତା - ତାହାରି କଥା
ଅସୁବିଧା ଯଦି କାହାରି ଦେଖିବ
ତା' ପାଇଁ ନିଶ୍ଚୟ ଘୂରିବ ମଥା ।
ତଥାପି ହସି - ରହେସେ ଖୁସି
ଯେଉଁଠି ସେ ଥିବ ଦେଖିଦେଲେ ତାକୁ
ହୋଇଯାନ୍ତି ପରା ସଭିଏଁ ଖୁସୀ ।
ରହେସେ ଭଲ - ପାଏ ବି ଭଲ
ଦୁନିଆଟା ସାରା ତାହା ପାଇଁ ପରା
ଯେମିତି ଗୋଟାଏ ବଗିଚା ଫୁଲ ।

Digitized by srujanika@gmail.com

ରାତିଗଲା ପାହି

ରାତିଗଲା ପାହି ସକାଳ ହୋଇଲା କବାଟ ଫିଟାଇ ଦେଖେ
କିଏ ଜଣେ କାଲି କବାଟରେ ମୋର ଡାକୁଥିଲା ସେଇ ଫାଙ୍କେ।
ଯେତେ ମୁଁ ଖୋଜିଲି ଯାହାକୁ ଭେଟିଲି ସଭିଏଁ କହିଲେ ନାହିଁ
ବୁଲିବୁଲି ଯାଇ ମନ ଦୁଃଖେ ମୋର ବିଛଣାରେ ଗଲି ଶୋଇ।
ସପନରେ ଆସି କହିଗଲ ମୋତେ ମନଦୁଃଖ କରୁ କିଆଁ
ଚାଲିଗଲି ଥରେ ପୁଣି ଆସିବି ହେବି ମୁଁ ତୋ ପାଶେ ଠିଆ।
ଭାଙ୍ଗିଗଲା ନିଦ ଛିଡ଼ାହେଲି ଉଠି ଅନୁଭବ କଲି ନିଜେ
ଦେଇଅଛ ମୋତେ ସାହସ ଶକତି ଲାଗିଥିବି ତୁମ କାର୍ଯ୍ୟେ।
ଜୀବନରେ ଯେବେ ସାଥୀ ଖୋଜୁଥିଲି ନିଃସଙ୍ଗତା ଥିଲା ସାଥୀ
ତୁମପରି ଜଣେ ସାଥୀ ମିଳିଗଲେ ପାହିଯାଏ ଦିନରାତି।
ବୁଜିଦେଲେ ଆଖି ଦେଖିଲି ତୁମକୁ କଳପନା ସ୍ୱପନରେ
ଚେଇଁଥିଲେ ସବୁ ଭିତରେ ଦେଖିଲି ଦୃଷ୍ଟି ଗଲା ଯେଉଁଠାରେ।
ତୁମେ ଯହିଁ ଅଛ ସେଠାରେ ମୁଁ ଅଛି ଯହିଁ ନାହଁ ମୁହିଁ ନାହିଁ
ତୁମେ ମୋର ସଙ୍ଗେ ଛାଇପରି ଅଛ ତରୀ ମୋ ନେଉଛ ବାହି।
ଏବେ ମୁଁ ଭାବୁଛି କାହିଁକି କେଜାଣି ମଣିଷ ଖୋଜଇ ସାଥୀ
ପାଇଗଲେ ଥରେ ତୁମ ପରି ବନ୍ଧୁ ମିଳିଯାଏ ସବୁକିଛି।

Digitized by srujanika@gmail.com

ଆମେ ଗଢ଼ିଛୁ କୋଣାର୍କ

ଆମେ ଗଢ଼ିଛୁ କୋଣାର୍କ
ଆମେ ପରା ତାର ଶିଳ୍ପୀ
ଆମେ ଗଢ଼ିଅଛୁ ବାରବାଟୀ ଦୁର୍ଗ
ଆମେ ପରା ବିଶ୍ୱ କବି ।
ଆମେ ଜାତିର ଜନକ
ଆମେ ଲଢୁଆ ନେତାଜୀ
ଆମେ ଅଟୁ ପୁଣି ଲୁହାର ମଣିଷ
ଆମେ ପରା ଅନୁଭବୀ ।
ଆମରି ଶାଣିତ ତରବାରୀ କୁହେ ସତ୍ୟ ଅହିଂସାର କଥା
ଆମରି କାନନ ବନ ଉପବନ ପ୍ରୀତି ପୁଷ୍ପେ ସୁଶୋଭିତା
ଆମେ ପରା ନବରବି
ଆମରି ଗଗନେ କୃପାର ଜଳଦ ଆଙ୍କେ ନିତି କେତେ ଛବି ।
ଆମରି ଲେଖନୀ ପୁନ ଲେଖିଅଛି ଅଠର ଅଧ୍ୟାୟ ଗୀତା
ଆମରି ବିଜ୍ଞାନ ପଢ଼ାଏ ଆମକୁ କିଏ ସତ୍ୟ କିଏ ମିଥ୍ୟା
ଜାଗେ ଆମ ଦେଶ ପ୍ରୀତି
ଆମେ ପରା ଅଟୁ ମଦର ଟେରେସା ଆମେ ପରା ଦେଶସେବୀ ।



Digitized by srujanika@gmail.com

ଷଡ଼ଋତୁ



ଅନେକ ଦିନର କଥା,
ମନ ଦୁଃଖ କରି ଧରଣୀ ରାଣୀ
ବସିଥିଲା ପୋତି ମଥା ।
ସୂରୁଜ ଦେବତା ପ୍ରବେଶି ଦେଖିଲେ
ଧରଣୀ ରାଣୀର ବ୍ୟଥା ।

ସୂର୍ଯ୍ୟ (ପ୍ରଶ୍ନ) ଧରଣୀ ରାଣୀ, ଧରଣୀ ରାଣୀ, ମଉନ ହୋଇ ବସିଛୁ କିଆଁ ।

ଧରଣୀ ତୁମରି ପାଶେ ରହୁଛି ବୋଲି ସବୁଆଡ଼େ ତ ଜଳୁଛି ନିଆଁ
ତୁମରି ତେଜ ଏତେ ଅଧିକ
ପୋଡ଼ି ମୁଁ ଯାଏ ନ ରହେ ଭେକ,
କେମିତି ହେଲେ କିଛି ବି କର
ଶୀତଳ ହୁଏ ଯାଉ ମୋ ଦୁଃଖ ।

ସୂର୍ଯ୍ୟ ଚିନ୍ତା କରନି ତୁ ଧରଣୀ ମା'ରେ
ଘୂରି ଘୂରି ଯାଆ ଦୂରକୁ ଧୀରେ
ଧୀରେ ଧୀରେ ତୋ ଭିତରେ
ଷାଠିଏ ଦିନ ଅନ୍ତରେ
ଋତୁପରେ ଋତୁ ବଦଳିବ ଯେବେ
ଦୁଃଖ ରହିବନି ତୋରେ ।
ଘୂରି ଘୂରି ଯା' ଦୂରକୁ ଧୀରେ ।

ଗ୍ରୀଷ୍ମ(ପ୍ରବେଶ)ଏ ଯେ ଋତୁ ହେଲା ଜାଣ ଗ୍ରୀଷମ
ତେଣୁ ପାଗ ହେଲା ବଡ଼ ବିଷମ
ଖରା ଟାଣ ଯୋଗୁଁ ପାଣି ଶୁଖିଗଲେ ବହିଲା ଝାଞ୍ଜିପବନ ।

Digitized by srujanika@gmail.com

ଆସିଲା ପରବ ରଜ
ଦୋଳି ଖେଳିବାକୁ ଭିଡ଼କଲେ ପିଲେ
ହୋଇ ନୂଆ ସଜବାଜ ।
ଦୋଳି ହେଲା କଟମଟ
ମୋ ଭାଇ ମୁଣ୍ଡରେ ସୁନା ମୁକୁଟ
ସୁନା ମୁକୁଟ ଲୋ ଦିଶୁଛି ଛତିଆବଟ ।



ବର୍ଷା(ପ୍ରବେଶ) ଗ୍ରୀଷମ ଯାଆନ୍ତେ ବରଷା ଆସିଲା
ଡ଼ିବି ଡ଼ିବି ବାଜା ବାଜିଲା
ମେଦିନୀ କମ୍ପାଇ ମହୀ ଦୁଲୁକାଇ
ଛାତିରେ ଛନକା ପଶିଲା ।

ଟପର ଟପର ମେଘ ବରଷିଲା କେଶୁର ମାଇଲା ଗଜା,

କେଉଁ ରାଇଜରେ ରହିଲେ ମୋ ରଜା, ତେଲିଙ୍ଗି ବାଇଦ ବଜା ।

ଗୁଣ୍ଡିଚା ରଥଯାତରା
ଜଗା ଆସୁଅଛି ନନ୍ଦିଘୋଷ ରଥେ, ଭାଇ ଭଉଣୀଙ୍କୁ ଧରିପରା,
ବଡ଼ଦାଣ୍ଡପରେ ଦରଶନ ଦେବ, ଧନ୍ୟ ହେବେ ଜଗତଟା ସାରା ।



Digitized by srujanika@gmail.com

ଚଷା ଭାଇରେ ଚଷା ଭାଇ,
ବରଷା ହେଲା, କ୍ଷେତ ହସିଲା
ରୁଆ ବେଉଷଣ ସାରିଦେଇ ଆନନ୍ଦେ ମଉଜ ମାର୍ ତୁହି ।

ଶରତ (ପ୍ରବେଶ) ଶରତ ଋତୁ ଆସିଲା,
ନଈନାଳ କୂଅ ଗଡ଼ିଆ ପାଣି,
କେତେ ନିରିମଳ ଦିଶିଲା ।
ହୋଇଲା ଦଶରା ପୂଜା, ଚାରିଆଡ଼େ ହେଲା ସଜା
ମନମଉଜରେ ନାଚି ନାଚି ଦାଣ୍ଡେ, ସଭିଏଁ ମାରନ୍ତି ମଜା ।
କୁଆଁର ପୂନେଇଁ ଜହ୍ନଗୋ ଫୁଲ ବଉଳ ବେଣୀ
ଆକାଶର ଚାନ୍ଦ ହସି ଖେଳୁଅଛି
ବଉଦ ସଙ୍ଗରେ ଦୋଳିଗୋ, ଫୁଲ ବଉଳବେଣୀ ।

ହେମନ୍ତ(ପ୍ରବେଶ)ହେମନ୍ତରେ ହେମ କାକର
ପାହାନ୍ତାପହରେ, ଟପ୍ ଟପ୍ ସୁରେ ପଡ଼େ ଯେ କେତେ ଶିଶିର ।
ଆ କା ମା ଭୈ, ଆ କା ମା ଭୈ
ସାଧବପୁଅ ତୁ ବୋଇତେ ଭାସିଯା ବଣିଜ କରିବାପାଇଁ
ଆ କା ମା ଭୈ

ଶୀତ(ପ୍ରବେଶ)ଶୀତ ଆସିଛି,
ସାଥିରେ ଆଣିଛି କାଲୁଆ ପବନ
ଦେହ ହାତ କୋଲ ମାରୁଛି ।
ପାଚିଲା ଧାନ କ୍ଷେତ
ହାତେ ଦାଆ ଧରି ଚଷାଭାଇ ଗାଏ
ମନଫୁଲାଣିଆ ଗୀତ, ଦେଖି ପାଚିଲା ଧାନକ୍ଷେତ ।
ନୂଆଖାଇ - ନାଇଁ ଯାଉ କାଇଁ ସରଗର ତରା
ତୋର ସଙ୍ଗେ ମୁଇଁ ନାଇଁ ଝିମିରେ
ଗାଡ୍ ସୁଆରେ ବାଗ୍‌ତାରାରେ ରଇଜଳା, ଗାତୁଆପଣା ।

Digitized by srujanika@gmail.com

ବସନ୍ତ
(ପ୍ରବେଶ)

ଆସିଲା ବସନ୍ତ ଧୀର ପବନେ, ଗାଇଲା କୋଇଲି ମଧୁର ତାନେ
ଫୁଲର ସୁବାସ ଦିଗ ଚହଟାଇ, ହରିନେଲା ମନ ମଳୟେ ହରାଇ
ନାଚିଲେ ଆନନ୍ଦେ ସଭିଏଁ ଜନେ
ଚଇତ୍ର ମାସରେ ଚଇତି ପର୍ବ
ଶ୍ରୀରାମନବମୀ ମହାଉତ୍ସବ
ଘୋଡ଼ା ମୁଣ୍ଡ ଠାକୁ ଠାକୁ
ଗାଁ ଠାକୁରାଣୀ ପାଖେ ଦେଖୁଛନ୍ତି ଚଇତି ଘୋଡ଼ାନାଚକୁ ।

Digitized by srujanika@gmail.com

ଆଳସ୍ୟର ପରାଜୟ

ଆସରେ ପିଲେ ଶୁଣିବ ଗପ ସଭିଏଁ ବସ ପକାଇ ସପ ।
କାହାଣୀ ଆଜି କହିବି ଯାହା କାହାଣୀ ନୁହେଁ ଜାଣିଥା ତାହା ।
ଆମରି କଥା ଆମେହିଁ ଜାଣି କରିବା ତାହା ଶୁଣୁଥା ପୁଣି ।
ପିଲାଟେ ଥିଲା ଭାଆରି ସୁନା ଜାଣିଥା ତା'ର ନାମ ପବିନା ।
କାମଦାମକୁ ନାହିଁ ତା' ଡର ଜାଣଇ ନାହିଁ ଆପଣା ପର ।
ଦିନବା ରାତି ଦୁଇପହର ହେଉ ବି ଥାଉ ଥଣ୍ଡା କି ଜର ।
କାମକୁ ଯଦି ଖୋଜା ପଡ଼ିଲା ପବିନା କି ଆଉ ଥୟ ଧରିଲା ?
ସାଙ୍ଗସାଥୀଙ୍କୁ ସଜିଲ କରି ପବିନା ଆମ ପଡ଼େ ବାହାରି ।
ଡର ନାହିଁକି ଭୟ ବି ନାହିଁ ରାତିବିକାଳି କେଉଁଠି କାହିଁ ।
କା'ଘରେ କେହି ବାଧକ ଥିଲେ ଜନମ ଅବା ମରଣ ହେଲେ ।
କଚେରୀ କିବା ପୋଲିସ ଥାନା ମଶାଣି ହେଉ ବା ଡାକ୍ତରଖାନା ।
ପବିନା ଟାକୁ ପଡ଼ଇ ଖୋଜା ଦେଖିଲେ ତାକୁ ସଭିଏଁ ତାଜା ।
କେଉଁଠି ଯଦି ପାଠଚକର ଆରମ୍ଭ ହେବ ପୂର୍ଣ୍ଣାଙ୍ଗ ସ୍କୁଲ ।
ଅଭିଭାବକ ସଭାଟେ ହେବ କର୍ମୀ ସମ୍ମିଳନୀ ବି ଥିବ ।
ଝଗଡ଼ା ଝଣ୍ଟା ସମସ୍ୟାସବୁ କଳିକଜିଆ ଆବୁରୁ ଜାବୁ ।
ବକ୍ତା କେଉଁଠି ପଡ଼ିଲା ଖୋଜା ଦରି ବିଛଣା ଫଟକୁ ସଜା ।
ସବୁଠି ଦେଖ ପବିନା ଥିବ କେମିତି ହେଉ ଚଳାଇ ନେବ ।
ସେଇ ପବିନା ମନର କଥା କହୁଛି ଶୁଣ ନୁହଁ ଅନ୍ୟଥା ।

Digitized by srujanika@gmail.com

ସାରାଦିନ କାମ ସାରି ମାଆ ନାମ ଜପକରି
ପବିନା ପଡ଼ିଛି ଶୋଇ ଆନନ୍ଦ ମନେ
ରଜନୀ ଦୁଇଘଡ଼ିକୁ ପଡ଼ିବ ଯେ ଉଠିବାକୁ
ଷ୍ଟେସନ ଯିବାକୁ ଅଛି କାହାରି କାମେ।
ଏ ସମୟେ ଦେଖି ସୁଯୋଗ
ଆଳସ୍ୟ ପହଞ୍ଚିଗଲା ତାହାରି ପାଖ।

ଆଳସ୍ୟ ପବିନା କଥା ମୋର ମନ ଦେଇ
ଶୁଣ କହୁଚି ତୁମକୁ ବୁଝାଇ।
ନିଜ କାମ ନିଜେ କର ସେତିକି
ଦରକାର ଯାହା ପରା ଯେତିକି।
ଏତେ ପରିଶ୍ରମ କିଆଁ କରୁଚ
ସଭିଙ୍କ ପାଇଁ କିଆଁ ଭାବୁଛ।

ପବିନାର ଶରୀର-
ଠିକ୍ ଠିକ୍ କଥା ତୁମେ କହୁଛ ଭାଇ
ଖଟି ଖଟି ଗଲିଣି ମୁଁ କ୍ଳାନ୍ତ ହୋଇ।
ଯେତେ ଖଟିଲେ ବି ମୋତେ ଛାଡୁନି କେହି
ତୁମ କଥା ମାନି ଟିକେ ପଡ଼ିବି ଶୋଇ।

ଆଳସ୍ୟ ସାବାସ୍ ଶରୀର ତୁମେ ମାନିଛ ଆଜି
ମୋ ବାଟରେ ଆସିବାକୁ ହୋଇଛ ରାଜି।

ପବିନାର ପ୍ରାଣ-
ଉତ୍ସାହ ଆଗ୍ରହ ମୋର ଗଲାଣି ମରି
କାମନା ବାସନା ଆସେ ପ୍ରାଣରେ ଭରି।
କିଆଁ ଏତେ ଶକ୍ତି ମୁହିଁ କରିବି ବ୍ୟୟ
ତୁଚ୍ଛାଟାରେ ଧନ୍ଦିହେବି ଏହା ଅନ୍ୟାୟ।

Digitized by srujanika@gmail.com

ଆଳସ୍ୟ ପ୍ରାଣ ତୁମେ ଉତ୍ସାହ ତ ତୁମର ଗୁଣ
ନିରୁତ୍ସାହ ଯଦି ତୁମେ ହେଉଛ ଜାଣ
କାମରେ ତୁମର କେବେ ନାହିଁ ଆଗ୍ରହ
ଚାଲିଆସ ମୋର ପାସେ ଦେବି ଆଶ୍ରୟ ।

ପବିନାର ମନ-
ମୁଁ ମଧ୍ୟ ଏଇକଥା ବିଚାରୁଥିଲି
ଆଜି କାମ ଆଜି ନୁହେଁ କରିବି କାଲି
ଏତେ ଦିନ ହେଲା କାମ କରୁଛି ମୁହିଁ
ବିଶ୍ରାମ ନେବି ମୁଁ ଆଉ କରିବି ନାହିଁ ।

ଆଳସ୍ୟ ମନ ତୁମେ ବିଚାରିଲ ଉଚିତ କଥା
ଚାଲିଆସ ମୋ ଆଡ଼େ ଛାଡ଼ ସେ ପନ୍ଥା ।
ପରିଶ୍ରମ କଲେ କାହିଁ ଯିବ ସରଗେ
କାମ ନ କରିଲେ କେହି ଯିବ ନରକେ ?

ପବିନାର ଆତ୍ମା-
ହେ ବନ୍ଧୁ ଆଳସ୍ୟ ମୋତେ ମାଡୁଛି ହସ
ଭାବିଛକି ଆମେ ସବୁ ଅଟୁ ନିରସ ।
ଯେତେ ତୁମେ ଚେଷ୍ଟାକର ତଥାପି ଶୁଣ
ଆତ୍ମା ମୁଁ ମୋ ପାଶରେ ନାହିଁ ସେ ଗୁଣ ।
କାମ ଆମେ କରୁନାହୁଁ କାହାରି ଲାଗି
କରୁଛୁ କେବଳ ଆମେ ମାଆଙ୍କ ଲାଗି ।
ଅହଙ୍କାରେ ରହି ଯଦି କରୁଛୁ ଶ୍ରମ
ଲାଗୁଛି ଆମକୁ କ୍ଳାନ୍ତ ତାହାହିଁ ଭ୍ରମ ।
ଆଗ୍ରହ ଉତ୍ସାହ ସଦା ଅଛନ୍ତି ରହି
ପାଶେ ପାଶେ ଥାଇପରା ଦିଅନ୍ତି କହି ।
ଆଖି କାନ ଯଦି ଆମେ ବନ୍ଦ ନକରୁ
ସବୁକଥା ତେବେହେଲେ ଶୁଣି ତ ପାରୁ ।

Digitized by srujanika@gmail.com

ନାହିଁ ଯଦି ତୁମେ ତୁମ ଅହଂରେ ଥିବ
ଯେତେ ଯାହା ପରିଶ୍ରମ ବୃଥାରେ ଯିବ।
ଅହଂ ଖୋଳପା ଛାଡ଼ି ବାହାରି ଆସ
ଦେଖିବ ସବୁରିଠାରେ ଦିବ୍ୟପ୍ରକାଶ।

ଉତ୍ସାହ

କାମ କରି କ୍ଲାନ୍ତି ଯଦି ପାଉଚ ତୁମେ
ଆନନ୍ଦ ପାଇବ ନାହିଁ କେବେହେଁ କାମେ
ଆସିଛି ଦେବାକୁ ତୁମଠାରେ ଉତ୍ସାହ
ଭରିଦେବି ତୁମଠାରେ ପୁଣି ଆଗ୍ରହ।
ଭୁଲ୍ ଠିକ୍ ପାଇଁ ଚିନ୍ତା କରନା କେବେ
ପ୍ରଶଂସା କି ନିନ୍ଦା ପାଇଁ ଭାବନା ଲବେ।
ଅଜ୍ଞାନରେ ସର୍ବେପରା ହୁଅନ୍ତି ଘାରି
ପ୍ରଶଂସା କି ନିନ୍ଦା ଯିଏ ଦିଅନ୍ତି ଢାଳି।
ସେଇଠାରେ ଯଦି କେବେ ରଖ ଆଗ୍ରହ
ଜାଣିଥା ପାଇବ ନାହିଁ କେବେ ଉତ୍ସାହ।

ସାହସ

କିଏ ସେ କହେ ଶରୀର ତାର ହୋଇଗଲାଣି କ୍ଲାନ୍ତ
ଅମାପ ଶକ୍ତି ଦେଇଛି ଯିଏ ଦେଖାଇଅଛି ପଥ।
ତାହାରି କାମ କରୁଛୁ ପରା ଡରିବା କିଆଁ କହ
ଥିବି ତୁମରି ସଙ୍ଗରେ ସଦା ହଟାଇ ଦେଇ ଭୟ।

ନିଷ୍ଠା

ନିଷ୍ଠା ମୁହିଁ ତୁମଠାରେ ଥାଏ ସଦାରହି
ଯଦି ତୁମେ କାମ କର ମାଆଙ୍କର ପାଇଁ।
ତୁମ କାମ ତୁମ ପାଇଁ ସାଧନାର ବାଟ
ତା' ଭିତରେ ଥାଏ ମୁହିଁ ହୋଇ ବଡ଼ ଚାଟ।
ସ୍ୱାର୍ଥ ଅହଂ ପରସ୍ପର ମିଶିଯା'ନ୍ତି ଯେବେ
ବିପରୀତ ପଣେ ଦେଖା ଦିଅନ୍ତି ତେବେ।
ମନପ୍ରାଣ ଶରୀରକୁ ରଖ ଶକ୍ତକରି
ଆଳସ୍ୟ, ହତାଶା କାହିଁ ଦୂରେ ଯିବେ ଚାଲି।

Digitized by srujanika@gmail.com

ପବିନାର ମନ, ପ୍ରାଣ, ଶରୀର -

ଏତେଦିନ ପରେ ଆଜି ବୁଝିଲୁ ଯାହା
ସ୍ୱାର୍ଥ ଅହଂ ମିଶିଗଲେ ମିଳେନି ରାହା।
ସାହସ, ଧୈର୍ଯ୍ୟ, ନିଷ୍ଠା, ଉତ୍ସାହ ସତେ
ଆଉ ଆଉ ଏହିଭଳି ଅଛନ୍ତି ଯେତେ।
ସ୍ୱାର୍ଥ ଅହଂ ଛାଡ଼ିଦେଲେ ମିଳିବେ ଆସି
ଆଳସ୍ୟ ପାରିବନାହିଁ ଭିତରେ ପଶି।
ଆଳସ୍ୟର ପରାମର୍ଶ ନଶୁଣି ଆମେ
ମାଡ଼ି ଚାଲିଥିବା ଯଦି ମାଆଙ୍କ କାମେ।
ଧରି ରଖିଥିବା ଖାଲି ତାଙ୍କ ଆଶିଷ
ଲାଗୁଥାଉ ପଛେ ସବୁ ଆମକୁ ବିଷ।
ଆସିବ ସମୟ ଦିନେ ବୁଝିପାରିବା
ନାହିଁ ସାରା ଜଗତରେ ଏମିତି ଜାଗା।
ମାଆ ଇଚ୍ଛା ବିନା କାହିଁ ହେଉଛି କାମ
କରୁ ତାଙ୍କ କାମ ଜପି ତାଙ୍କରି ନାମ।
ନମାନି କାହାରି କଥା ପାରିବା ରହି
ଆତ୍ମାର ଶରଣ କେବେ ପାରିବା ନେଇ।
ଆଉ ଆଉ ଯେତେ ଯେତେ ଆମ ସମସ୍ୟା,
ଦୂରେଇ ଯିବ ପାଖରୁ କଲେ ତପସ୍ୟା।

ପବିନା ହଠାତ୍ ଉଠିପଡ଼ି -

କି କଲି କି କଲି ମୁହିଁ ପଡ଼ିଲି ଶୋଇ
ଛାଡ଼ିଥାନ୍ତି ପରା ତାଙ୍କୁ ଷ୍ଟେସନ ଯାଇ।
ଆଉ ଏବେ କିସ ମୁହିଁ ପାରିବି କରି
ଆଳସ୍ୟ ପାଖରେ କିବା ଗଲି ମୁଁ ହାରି।

Digitized by srujanika@gmail.com

ଆତ୍ମା ବ୍ୟସ୍ତ ନହୁଅ ପବିନା ନେଇଥିଲ ବିଶ୍ରାମ
ଶରୀର ପାଇଁ ଉଚିତ ନୁହେଁ ତାହା ଆରାମ।
ଗାଡ଼ିଅଛି ବିଳମ୍ବ ଯାଅ ତୁମେ କାମରେ
ଯାହା କାମ କରୁଛ ଅଛନ୍ତି ସେ ପାଖରେ।

ପବିନା କେଉଁ ଭାଷାରେ ମୁଁ ଜଣାଇବି ମୋର
କୃତଜ୍ଞତା ପାଶେ ତୁମ
ସାରା ଜଗତକୁ ଚଳାଉଛ ପୁଣି
ଭାବୁଅଛ କଥା ଆମ।
ଦରକାର ମୋର ବିଶ୍ରାମ ବୋଲି
ଗାଡ଼ିକୁ କରିଲ ଡେରି
ତୁମରି ପାଇଁକି ଆଳସ୍ୟ ମୋହର
ପାରିଲାନି କିଛି କରି।
ତୁମର ଚରଣେ ମାଗୁଛି ଶରଣ
ନିଅ ତୋଳି ତୁମ କୋଳେ
ସାରା ଜୀବନଟା ବିତିଯାଉ ମୋର
ତୁମ କାମ କରି ହେଳେ।

Digitized by srujanika@gmail.com

ବେଉସା

ପୂରୁବ ଆକାଶେ ସୂରୁଜ ଆସେ, ସଞ୍ଜରେ ପୁଣି ଜହ୍ନ ହସେ, ତା'ପରେ ହୁଏ ରାତି,
କିଏ ବା ଜାଣିଛି, କେବେଠାରୁ ଅବା, ଚାଲିଛି ତାହାର ଗତି।
ତା'ରି ଭିତରେ ଆମେ, ଲାଗିଛୁ ଆମରି କାମେ,
କି ବେଉସା କିଏ ଆଦରି ନେଇଛୁ, ଜାଣିଛ କି ଭାଇ ତୁମେ ?

ଡାକବାଲା ଡାକେ ଡାକବାଲା ଦାଣ୍ଡେ, ଧାଇଁଆସ ଭାଇ ଚାଣ୍ଡେ
ସବୁରି ଖବର ପତର ନେଇସେ ଧାଉଁଥାଏ ଦାଣ୍ଡେ ଦାଣ୍ଡେ।

ନେତା ଆମର ଚିହ୍ନ କଳସୀ ଚିହ୍ନ

ଭୋଟ ଦେବ କେଉଁଠି, କଳସୀ ଚିହ୍ନ ଯେଉଁଠି
କଳସୀ ଚିହ୍ନ କାହାର, ଚାଷୀ ମୂଲିଆ ଭାଇର।
ଆସରେ ଆସ ଭୋଟଦେବା, କଳସୀ ଚିହ୍ନକୁ ଜିତାଇଦେବା।
ନେତା ଚାଲୁଅଛି ଆଗେ, ହାତ ଯୋଡ଼ି ଭୋଟ ମାଗେ
କହୁଛି ସଭିଙ୍କୁ ବୁଝାଇ ସୁଝାଇ, ସବୁତ ତୁମର ଦେବି ବଦଳାଇ
ଭୋଟ ଯଦି ଦେବ ମୋତେ।

ଶିକ୍ଷକ ବଡ଼ମଣିଷ ହେବେ, ପିଲେ ପାଠ ପଢ଼ିବେ
ସମାଜରେ ନୂଆ ନୂଆ କାମ କରିବେ।
ଇତିହାସ, ଭୂଗୋଳ, ବିଜ୍ଞାନ, ଗଣିତ
ନୂଆ ନୂଆ ଭାଷା ପୁଣି ଇଂରାଜୀ, ସାହିତ୍ୟ, କହେ ମାଷ୍ଟରପୁଅ।

କିରାଣୀ କଲମ ଚାଲେ ଚର୍ ଚର୍, କାଗଜ ଉଡ଼େ ଫର୍ ଫର୍
ବଡ଼ ହାକିମକୁ ଡର୍ ଡର୍
କିରାଣୀ ପୁଅର କଲମ ଭରସା,
ଲେଖି ପକାଉଛି ଡରରେ ହୋଇ ତର୍ ତର୍।

Digitized by srujanika@gmail.com

ପୁଲିସ୍ କଳିତକରାଳ ଗାଁ ଗଣ୍ଡଗୋଳ ହତ୍ୟା ଲୁଣ୍ଠନର କାଳେ,
ଶାନ୍ତିର ଦୂତ ପୁଲିସ୍‌ବାଲା, ଧାଆଁନ୍ତି ସଦଳବଳେ ।

ଡାକ୍ତର ସେବା ଆମର ବ୍ରତ

ଧନୀ ଗରିବ ସାନ ଅବା ବଡ଼ ସଭିଏଁ ଆମର ମିତ
ଡାକତର ବାବୁ ରୋଗୀ ରୋଗ ଚିହ୍ନି, କରନ୍ତି ଲୋକଙ୍କ ହିତ।

କଳାକାର ଆମେ ଏ ଯୁଗର କଳାକାର

ଅଙ୍ଗଭଙ୍ଗୀ ଛଳେ ମୁହଁରେ ସ୍ୱରରେ
ସାଜିଛି ମାନସ ଚୋର
ତଥାପି ସମାଜ ଆମ ଗଳେ ଦିଏ
ଲମ୍ବାଇ ଗଜରା ହାର।

ସାମ୍ବାଦିକ ନଗରୁ ନଗର ସହରୁ ସହର ଗାଁରୁ ଗାଁକୁ ଯାଇ
ଖବର ଯୋଗାଇ ଖବର କାଗଜେ ଦେଉଛୁ ଆମେ ଛପାଇ।
ଆମେ ଦେଶ ସାମ୍ବାଦିକ
ସମ୍ବାଦ ସଂଗ୍ରହ ଆମରି ଧରମ, ରଖିଥାଉ ଦେଶ ଟେକ।

ଓକିଲ କଚେରୀ ଘର ଚାକିରୀ ସ୍ଥଳ
ଦୋଷ ନିରିଦୋଷ ପ୍ରମାଣ କରିବା
ଆମର ମଥାର ମୁହଁର ବଳ।
ଓକିଲାତି ଅଟେ ଆମ ବେଉସା
ଧନୀ ଗରୀବଙ୍କ ସିନ୍ଧୁକ ଭିତରୁ ସାରି ଦେଉ ସବୁ ଟଙ୍କାପଇସା।

ସୈନିକ ଆମେରେ ଭାରତର ବୀର ଜଓ୍ୱାନ

ଅରାତିର ବଳ କରିବାକୁ ଚୁର
(ଆମ) ହାତରେ ଗରଜେ କମାଣ।
କଣ୍ଠରେ ଆମର ବଜ୍ର ଶପଥ
ଶତ୍ରୁର ଗତି କରି ପ୍ରତିହତ (ଆମେ) ରଖିବା ମାଆର ମାନ।

Digitized by srujanika@gmail.com

ଶେଷ ପଶ୍ଚିମ ଆକାଶେ ସୂରୁଜ ଢ଼ଳେ, ରଜନୀରାଣୀ ପଣତ ତଳେ
ଏଇତ ଆମ କଥା
ସବୁରିକୁ ଯିଏ ପାଳୁଛି ପୋଷୁଛି, ତା' ଚରଣେ ଲୋଟୁ ମଥା ।



Digitized by srujanika@gmail.com

ସକାଳ -ଦିନ

ସକାଳୁ ଦିନେ, ଭାବିଲି ମନେ
ସୁଲୁସୁଲିଆ ପବନ ଆଜି କହୁଛି କିସ କାନେ।
ନାଲି ସୂରୁଜ, ଛାଡ଼ିଛି ଶେଯ
ନରମ କେତେ ଲାଗୁଛି ପୁଣି ଦିନରେ କେତେ ତେଜ।
କାଉ କୋଇଲି, ବଗ ବଗୁଲୀ
ସକାଳ ହେଲେ ଉଡ଼ନ୍ତି ପୁଣି ଯାଆନ୍ତି କାହିଁ ଚାଲି।
ତରାଟ ମଲ୍ଲୀ, ଗୋଲାପ କଢ଼ି
ଫୁଟନ୍ତି ହସି ଯାଆନ୍ତି ପୁଣି ଦିନରେ କିଆଁ ଝଡ଼ି।
କୃଷକ ଭାଇ, ସୂରୁଜ ଚାହିଁ
ବାହାରିଯାଏ ବିଲକୁ ଫେରେ ସରିଲେ ଦିନ ଯାଇ।
ସକାଳୁ କିଆଁ, ସବୁ ବଢ଼ିଆ
ଦିନ ହୋଇଲେ ସଭିଏଁ ପୁଣି ହୁଅନ୍ତି କିଆଁ ନିଆଁ।
ଭାବି ଭାବିକା, ପାଇଲି ଏକା
ଉତ୍ତର ମୁହିଁ ଏହାର ପୁଣି ଥିଲି ଏଯାଏ ବୋକା।
ପିଲାଟି ସତେ, ହସୁଛି କେତେ
ବଡ଼ ହୋଇଲେ ମୁହଁ ଶୁଖାଇ ହଉଚି କେତେମନ୍ତେ।
ଏଇ ସକାଳ ପିଲାଦିନର
ପିଲାଟି ଭଳି ସକାଳ ତେଣୁ ଲାଗଇ ଖାଲି ଭଲ।
ପିଲାଏ ଯେବେ, ବଡ଼ ହୋଇବେ
ବଡ଼ଙ୍କ ଭଳି ସବୁ କଥାକୁ ଜଟିଳ କରିଦେବେ।
ସେଇଥି ପାଇଁ ଶୁଣ ହେ ଭାଇ
ସକାଳେ ଯାହା ଲାଗଇ ଭଲ ଦିନକୁ ଲାଗେ ନାହିଁ।

Digitized by srujanika@gmail.com

ଛଳନା କାହିଁକି ଏତେ ?

ନଭ ନୀଳିମାର ପ୍ରସାରତା ମଧ୍ୟେ
ଖୋଜୁଛି ତୁମକୁ କେତେ
ତୁମେ ରହିଅଛ ସାରା ଜଗତରେ
କେଉଁଠାରେ କେଉଁମନ୍ତେ ।

ହୋଇଅଛ କାହିଁ ନର୍ଦ୍ଦମାର କୀଟ
ଫୁଟିଅଛ ହୋଇ କଇଁ
ପୁଣି ହୋଇଅଛ ମେଘସାଥେ ବଜ୍ର
ଆଉ ଜଳଶୂନ୍ୟ ନଈ
ତୁମବିନା କେହି ପାରିବ ପ୍ରକାଶି
ତୁମକୁ ଏପରି ସତେ ।



ସାଗରର ତୁମେ ଗଭୀରତା ପୁଣି
ସାଗର ଭିତରେ ମଣି
ବିଶାଳ ମଗର ତୁମର ବି ରୂପ
ମୀନଟିଏ ତୁମେ ପୁଣି
ତୁମ କଥା କେହି ପାରିବ କି କହି
ଭାବୁପଛେ ଯିଏ ଯେତେ ।

ଯାହା ମୋର ସୁଖ ଆଉ ଯାହା ଦୁଃଖ
ତୁମର ସେ ଦୁଇ ପାଖ
ସୁଖେ ଦୁଃଖେ ଯେବେ ସ୍ଥିର ମୁଁ ରହିବି
ଦେଖୁଥିବି ତୁମ ମୁଖ
ଏ ବିଶ୍ୱାସ ଯଦି ନାହିଁ ମୋ ଅନ୍ତରେ
ଛଳନା କାହିଁକି ଏତେ ।

Digitized by srujanika@gmail.com

ସପନଟା ଯଦି ନାବିକ ହୁଅନ୍ତା

ସପନଟା ଯଦି ନାବିକ ହୁଅନ୍ତା ନିଦଟି ସାଗର ବକ୍ଷ
ଚିନ୍ତା ଯଦି ମୋର ହୋଇଥାନ୍ତା ଫୁଲ ମାଟି ହୁଅନ୍ତା ବୃକ୍ଷ।

ଉତ୍ସାହ ଆବେଗ ହୋଇଥିବେ ହଳ ପ୍ରାଣଟି ଯେବେ କୃଷକ
କାଦୁଅ ହୋଇବେ କାମନା ବାସନା ହିଂସା ଘୃଣା ପୋକଜୋକ।

କର୍ମଠ ଜୀବନ ହୋଇଥିବ ଜଳ, ଶରୀର ଯଦି ପୋଖରୀ
ଶକ୍ତି ଓ ସାମର୍ଥ୍ୟ ମାତୃନାମ ଯଦି, ଅକାରଣ ଦୁଃଖ ଶୋକ।

Digitized by srujanika@gmail.com

ତୁମରି ନାମକୁ ସ୍ମରି

ପ୍ରଭାତ ଅରୁଣ ଢାଳିଦିଏ ତା'ର ଶୁଭ୍ର କିରଣ ଧାରା
ଆମେ ବି ତାପାଇଁ କରିଚୁ ପ୍ରତୀକ୍ଷା ପାଇ ତାହାର ଇସାରା ।

ସୁଲୁ ସୁଲୁ ବାଆ ବହିଆଣେ ପରା ବାର୍ତ୍ତା ଦୃଢ଼ ବିଶ୍ୱାସର
ମୁକ୍ତ ଗଗନ ଢାଳିଦିଏ କେତେ ଆଶ୍ୱାସନାର ନୀର ।

ପକ୍ଷୀର କାକଳି କର୍ଣ୍ଣରେ ଦିଏ ଶୁଭ ଦିବସ ବାରତା
ହୃଦୟରେ ପରା ରହିଥାଅ ତୁମେ ହୋଇ ସବୁରି କରତା ।

ତୁମରି ପାଇଁକି ଆସିଚୁ ସଂସାରେ ତୁମରି ଆଶିଷ ଧରି
ପାଳୁଥିବୁ ସଦା ତୁମରି ଆଦେଶ ତୁମରି ନାମକୁ ସ୍ମରି ।



Digitized by srujanika@gmail.com

ପରୀକ୍ଷା

ବରଷା ଯାଇ ଶରତ ଗଲା ଆସିଲା ଏବେ ଶୀତ
ଜାତି ଜାତିକା ଫୁଲ ସହିତ ବସିବା ଚାଲ ମିତ।
ଥଣ୍ଡାପାଗକୁ ସହଳ ଉଠା ବହୁତ କଷ୍ଟ କାମ
ସୁନ୍ଦର ସ୍ୱାସ୍ଥ୍ୟ ପାଇଁକି ତୁମେ କରହେ ପରିଶ୍ରମ
ସକାଳ ସଞ୍ଜ ଡେରିରେ ସୂର୍ଯ୍ୟ ଏଇ ଦିନରେ ଆସେ
କେବେ କେମିତି ଆକାଶେ ଥରେ ବାଦଲ ପରା ଭାସେ।
ବରଷା ନାନୀ ଯାଇଚି ଚାଲି ତା'ର ଶାଶୁଘର
ନିଦାଘ ପରେ ଆସିବ ପୁଣି ଦେଇଚି ସେ ଖବର।
ଆକାଶମଲ୍ଲୀ ଗଙ୍ଗଶିଉଳି ପଡୁଚି ଝରି କେତେ
ସବୁଜ ଫଳ ପନିପରିବା ଏବେ ଯାହାକୁ ଯେତେ।
କାଟୁଚି ବସି ଚାଷୀ ଭାଇଟି ଯେତେ ପାଚିଲା ଧାନ
ବରଷକର ତା' ରୋଜଗାର କେତେ ଖୁସି ତା'ମନ।
ବଡ଼ଦିନକୁ ଇସ୍କୁଲ ଛୁଟୀ ପିଲାଙ୍କ ମନ ଖୁସି
ସଞ୍ଜ ହୋଇଲେ ଶୋଇବେ ଘରେ କମ୍ବଳଟିରେ ପଶି।
ଗୁଡୁରୁ ଗୁଡୁ ହୁଅନ୍ତି କଥା ନଥାଏ ବନ୍ଧବାଡ଼
ଆମେରିକାରୁ କଟକ ଯାଏଁ କେହି ପାଏନି ଛାଡ଼।
ବଡ଼ ଛୁଆଙ୍କ ପରୀକ୍ଷା କଷ୍ଟ ମାସ ଦୁଇଟି ଥାଏ
ବାପା ମାଆଙ୍କ ଆଉରି ଚିନ୍ତା କାହାର କିସ ଯାଏ।
ରାତି ଅଧରୁ ପିଲାଙ୍କୁ ଡାକି ଦିଅନ୍ତି ବହି ହାତେ
ଏଡ଼ିକି କଷ୍ଟ ପରୀକ୍ଷା ସବୁ ସରିବ କେବେ ସତେ।

Digitized by srujanika@gmail.com

ଯେଉଁ ଠାକୁର ଗଢ଼ିଲେ ଏଇ ସଂସାରଟାକୁ ଭାଇ
ଦେଇଛନ୍ତି ସେ କେଉଁ ପରୀକ୍ଷା କେଉଁ ସ୍କୁଲରେ ଯାଇ ?
ଦେଇ ନାହାନ୍ତି ଯାହାକୁ ସିଏ ପିଲେ କାହିଁକି ଦେବେ
ସମସ୍ତେ ଥିବେ ଖୁସୀରେ ଇଏ କଷ୍ଟ ପାଉଥିବେ ।
ଭଗବାନଙ୍କୁ ଡାକିବା ଆଉ କିଛି ହେଉ ନହେଉ
ପରୀକ୍ଷା ଭଳି ନର୍କ ଯନ୍ତ୍ରଣା ସଂସାରୁ ଉଠିଯାଉ ।
ଭଲ ଯାହାକୁ ଲାଗୁଚି ସିଏ କରିବ ଯଦି କହୁ
ସଂସାର ନୁହେଁ ନରକ ଯାଇ ସେଇଠି ରହିଥାଉ ।

Digitized by srujanika@gmail.com

ଆସ, ଯାତ୍ରା ଆରମ୍ଭ କର

ଖୋଜି ଖୋଜି ଯିବା ଚାଲ, ଆମେରେ ସବୁଜ ଦଳ
ଆସ, ଯାତ୍ରା ଆରମ୍ଭ କର ।
ସନ୍ଧାନୀ ଆମେ ନୟନ ଆମର ଖୋଜୁଛି ଦୁନିଆ ସାରା
ଘାତ ପ୍ରତିଘାତ ବାଧା ଅସୁବିଧା ନରହିବ କେଭେ ପରା
ଲକ୍ଷ୍ୟ ହେଉ ପଛେ ଦୂର, ଆସ, ଯାତ୍ରା ଆରମ୍ଭ କର ।

ଅନ୍ତରରେ ଆମ ରହିଛନ୍ତି ପରା ଦିବ୍ୟ ଚେତନା ସତ୍ୟ
ତାଙ୍କରି ପାଶେ ଯାଇ ପହଞ୍ଚିଲେ ଶେଷ ହେବ ଆମ ପଥ
ଆଳସ୍ୟକୁ କରି ଦୂର, ଆସ, ଯାତ୍ରା ଆରମ୍ଭ କର ।

ସୃଷ୍ଟି କାଳରୁ ଆଜିଯାଏଁ ପରା ଯାହା ଯିଏ ଅଛି ପାଇ
ଦିବ୍ୟ ଚେତନା ସନ୍ଧାନଟି ପରା ସବୁଠାରୁ ଶ୍ରେଷ୍ଠ ଭାଇ
ସର୍ବୋତ୍ତମ ଆବିଷ୍କାର, ଆସ, ଯାତ୍ରା ଆରମ୍ଭ କର ।

Digitized by srujanika@gmail.com

ବାହାରକୁ ଯାହା ଦିଶଇ ଆମକୁ
ସବୁନୁହେଁ କେବେ ସତ୍ୟ
ଅସଲ ସତ୍ୟ ତ ରହିଛି ଅନ୍ତରେ
ଜଗାଏ ଆମକୁ ନିତ୍ୟ ।

Digitized by srujanika@gmail.com